## ଝାମ୍ପିନେଲେ ସୁନା ଚେନ୍

**ଅନୁଗୋଳ ଅଫିସ:** ଅନୁଗୋଳ ଜିଲା ବିକ୍ରମପୁର(ଏଫ୍‌ସିଆଇ) ଥାନା ସିଡବ୍ଲ୍ୟୁଏସ୍ କଲୋନୀର ସବିତା ଦାସଙ୍କ ବେକରୁ ସୁନା ଚେନ ଝାମ୍ପି ନିଆଯାଇଥିବା ଅଭିଯୋଗ ହୋଇଛି। ପୋଲିସ ନଂ. ୪୪/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସବିତା ସ୍କୁଟିରେ ଡିଏଭି ବାଳିକା ଉଚ୍ଚ ବିଦ୍ୟାଳୟରୁ ଦୁର୍ଗାମଣ୍ଡପସ୍ଥିତ ଏକ ପ୍ରିଣ୍ଟିଂ ଦୋକାନକୁ ଯାଉଥିଲେ। ଏହି ସମୟରେ ୨ଜଣ ଯୁବକ ମୋଟର ସାଇକେଲରେ ଆସି ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପି ନେଇ ଚମ୍ପଟ ମାରିଥିଲେ।

## ସାଇବର ଠକେଇ ଅଭିଯୋଗ

**ଅନୁଗୋଳ ଅଫିସ, ୨୮।୨**

ଅନୁଗୋଳ ଜିଲା କୋଲିୟରୀ ଥାନା ଘଣ୍ଟପଡ଼ାସ୍ଥିତ ଗ୍ଲୋବାଲ କୋଲ ୱାସେରିର ଜଣେ କର୍ମଚାରୀ ସାଇବର ଠକ ହାବୁଡ଼ରେ ପଡ଼ିଛନ୍ତି। ଠକ ଜଣଙ୍କ ତାଙ୍କୁ ଭୁଆଁ ବୁଲାଇ ୯୭ ହଜାର ୬୯୦ ଟଙ୍କା ନେଇଯାଇଥିବା ସେ ଅନୁଗୋଳ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୩/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ କହିଛି, ସମ୍ପୃକ୍ତ କର୍ମଚାରୀଙ୍କ ଘର ଝାଡ଼ଖଣ୍ଡରେ। ଗତ ୨୩ ତାରିଖରେ ତାଙ୍କୁ ଏକ ବ୍ୟାଙ୍କର କ୍ରେଡିଟ୍ କାର୍ଡ ଆସିଥିଲା। ଏହି କାର୍ଡ ପହଞ୍ଚିବା ପରେ ଠକ ଜଣଙ୍କ ତାଙ୍କୁ ଫୋନ୍ କରି ଗ୍ରାହକସେବା କେନ୍ଦ୍ରରୁ ଫୋନ୍ କରିଥିବା ପରିଚୟ ଦେଇଥିଲେ। ଏଭଳି କି କାର୍ଡର ୧୨ ଟିକିଆ ନମ୍ବର କହିବା ପରେ ତାଙ୍କ ବିଶ୍ୱାସ ଭାଜନ ହୋଇଥିଲେ। ତେବେ କାର୍ଡରେ ଦୁଇଟି କୁପନ୍ ଥିବା କଥା କହିବା ପରେ ଠକଙ୍କ କଥାରେ କର୍ମଚାରୀ ଜଣଙ୍କ ବିଶ୍ୱାସ କରି ତଥ୍ୟ ପ୍ରଦାନ କରିଥିଲେ। ଏପରି କି ମୋବାଇଲକୁ ଆସିଥିବା ଓଟିପି ମଧ୍ୟ ଦେଇଥିଲେ। ଏହାପରେ ତାଙ୍କ କ୍ରେଡିଟ୍ କାର୍ଡରୁ ଗୋଟିଏ ଥରରେ ୯୭ ହଜାର ୬୯୦ ଟଙ୍କା କଟିଯାଇଥିଲା। ଏ ନେଇ ସାଇବର ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ନିରୁପମା ଜେନା ସୂଚନା ଦେଇଛନ୍ତି।

# ଡିସେମ୍ବର ସୁଦ୍ଧା ଇନର ରିଙ୍ଗ ରୋଡ୍

- ସର୍ଭେ ଆରମ୍ଭ କଲା ଜିଲା ପ୍ରଶାସନ
- ଆଉ ପଶିବନି ଭାରିଯାନ, ହେବନି ଗହଳି
- କଳାକୃତି, ସୌନ୍ଦର୍ଯ୍ୟକରଣର ମଜା ନେବେ ଲୋକେ

**ଅନୁଗୋଳ ଅଫିସ, ୨୮।୨**

ଅନୁଗୋଳ ସହର ପ୍ଲାନିଂରେ ଯୋଡିହେବ ଇନର ରିଙ୍ଗ ରୋଡ୍। ଜିଲାପାଳଙ୍କ ଏହି ପରିକଳ୍ପନା ପରେ ଏ ନେଇ ପ୍ରଶାସନ ପକ୍ଷରୁ ମଙ୍ଗଳବାର ସର୍ଭେ ଆରମ୍ଭ ହୋଇଛି। ଆସନ୍ତା ଡିସେମ୍ବର ସୁଦ୍ଧା ଯୋଜନାକୁ ରୂପାୟନ କରାଯିବ। ଫଳରେ ସହର ମଧ୍ୟରେ ଦେଖାଯାଉଥିବା ଟ୍ରାଫିକ୍ ସମସ୍ୟା ଦୂର ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଗୋଳ ସହରର ୧୬ଟି ଛକରେ ମଙ୍ଗଳବାର ଅନୁଗୋଳ ପ୍ରଶାସନର ଅଧିକାରୀମାନେ ସର୍ଭେ କରିଛନ୍ତି। ଥାନା ଛକ ଠାରୁ ଆରମ୍ଭ ହୋଇ ରାଜା ଛକ, ମେଡିକାଲ ଛକ, ସେଣ୍ଟ୍ରାଲ ଲଜ ଛକ, ବଜାର ଛକ, ହରିମହୁରୀ ଛକ, ଗାନ୍ଧୀମାର୍ଗ ଛକ, ହୁଲୁରିସିଂହା, ହେମସୁରପଡ଼ା, କଲେଜ ଛକ, ପିଟିସି ଛକ, ଡିଆସି ଛକ, ଶିଶୁ ଉଦ୍ୟାନ ଛକ ଆଦି ଜାଗାରେ ସର୍ଭେ କରାଯାଇଛି। ଅନୁଗୋଳ ଉପଜିଲାପାଳ ବୈତୁରା ଦୀପଙ୍କ ନେତୃତ୍ୱରେ ଏକ ଟିମ୍ ଏହି ସର୍ଭେ କରିଥିଲା। ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ପରେ ଭାରିଯାନଗୁଡ଼ିକ ବାଇପାସ୍‌ରେ ଯାତାୟାତ କରିବ। ତେଣୁ ରିଙ୍ଗ ରୋଡ୍ ପିଟିସି ଛକରୁ ଆରମ୍ଭ ହୋଇ ଶିମିଳିପଡ଼ା ଛକ, ଡିଆସି ଛକ, ଗାନ୍ଧୀମାର୍ଗ ଛକ, ହୁଲୁରିସିଂହା



ପ୍ରଶାସନିକ ଅଧିକାରୀମାନେ ସର୍ଭେ କରୁଛନ୍ତି।

ଛକ ଓ ହୁଲୁରିସିଂହା ଗ୍ରାମ ଭିତରେ ପଶି ଲିଙ୍ଗରାଯୋଡ଼ି ଛକ, ମାଟିଆସାହି ଛକ, ହାଟଛକ, କଲେଜ ଛକ, ଇଣ୍ଡଷ୍ଟ୍ରିଆଲ ଛକ, ତାମ୍ରିତ୍ କଲୋନୀ ଭିତରେ ପଶି ପୁଣି ପିଟିସିରେ ମିଶିବ। ଏହାଦ୍ୱାରା ସହର ମଧ୍ୟରେ ଟ୍ରାଫିକ୍ ବ୍ୟବସ୍ଥାକୁ ଦୂର ହୋଇପାରିବ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଭାଗୀୟ ଅଧିକାରୀମାନଙ୍କ ସହ ବୈଠକ ପରେ ଏହି ସର୍ଭେ କରାଯାଉଛି। ଏ ନେଇ ପ୍ରଶାସନ ପକ୍ଷରୁ ଖୁବ୍‌ଶୀଘ୍ର ଜବର ଦଖଲ ଉଚ୍ଛେଦ କରାଯିବ। ଏହି ରିଙ୍ଗରୋଡ୍ ଦେଇ ଲୋକେ ସହର ପରିକ୍ରମା କରିବା ସହ ଶାନ୍ତ ପରିବେଶ ମଧ୍ୟରେ ମନଫୁର୍ତ୍ତି କରିବାର ଅନେକ ସୁଯୋଗ ପାଇପାରିବେ। ସେହିଭଳି ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସକୁ ମଧ୍ୟ ଏହି ରିଙ୍ଗ ରୋଡରୁ ସଂଯୋଗୀକରଣ ରାସ୍ତା କରାଯିବ। ଫଳରେ ସହରରେ ଗହଳି ହେବ ନାହିଁ। କି ଟ୍ରାଫିକ୍ ସମସ୍ୟା ଉପୁଜିବ ନାହିଁ। ଏହି ସର୍ଭେ ସମୟରେ ଉପଜିଲାପାଳ ଦୀପଙ୍କ ସହ ଅନୁଗୋଳ ତହସିଲଦାର ବବିତା ମିଶ୍ର, ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ, ଡେପୁଟି କଲେକ୍ଟର ଇସାନୀ ପଣ୍ଡା, ଆସିଷ୍ଟାଣ୍ଟ କଲେକ୍ଟର ସୁକାନ୍ତ ସାହୁ, ତାମଡା ସଚିବ ରାଜୀବ ଲୋଚନ ବେହେରା, ଅନୁଗୋଳ ଥାନା ଏସ୍‌ଆଇ ଅମିତ୍ ମିଶ୍ର, ଆରଡି, ଏନ୍‌ଏଚଏଆଇ, ପିଡବ୍ଲ୍ୟୁଡି, ବିଦ୍ୟୁତ୍ ବିଭାଗ ଅଧିକାରୀ ପ୍ରମୁଖ ଏହି ସର୍ଭେରେ ସାମିଲ ହୋଇଥିଲେ। ଏହି ସର୍ଭେ ଶେଷ ହେବା ପରେ ଏକ ରିପୋର୍ଟ ପ୍ରସ୍ତୁତ କରାଯାଇ ଜିଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ କହିଛନ୍ତି। ସେଠାରୁ ଅନୁମୋଦନ ଆସିବା ପରେ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଉପଜିଲାପାଳ ବଇତୁରା ଦୀପ କହିଛନ୍ତି, ଏହି ରିଙ୍ଗ ରୋଡ୍ କାର୍ଯ୍ୟ ଡିସେମ୍ବର ସୁଦ୍ଧା ଶେଷ ହେବ। ବିଭିନ୍ନ କଳାକୃତି ସହ ସୌନ୍ଦର୍ଯ୍ୟକରଣ କରାଯିବାକୁ ଥିବାରୁ ଲୋକମାନେ ଏଥିରୁ ମନୋରଞ୍ଜନର ସୁଯୋଗ ନେଇପାରିବେ।

## ଆମ୍ ଆଦ୍‌ମୀ ପାର୍ଟି ତରଫରୁ ଦାବିପତ୍ର



ଆମ୍ ଆଦ୍‌ମୀ ପାର୍ଟି କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୨୮।୨**

ମିଶନ ଶକ୍ତିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି କରିବାକୁ ଅନୁଗୋଳ ଜିଲା ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ ମଙ୍ଗଳବାର ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ, ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର, ଏବଂ ବ୍ୟାଙ୍କମିତ୍ରମାନଙ୍କୁ ନେଇ ରାଜ୍ୟ ସରକାର ଗଠନ କରିଛନ୍ତି ଅଲ ଓଡ଼ିଶା ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ। ମିଶନ ଶକ୍ତିରେ କାର୍ଯ୍ୟରତ ଏହି ୨୦ ହଜାର କର୍ମୀ ନିଜର ହକ୍ ପାଇଁ ଫେବୃୟାରୀ ୧୦ରୁ ରାସ୍ତାକୁ ଓହ୍ଲାଇଛନ୍ତି। ଏହି କର୍ମଚାରୀମାନଙ୍କୁ ପ୍ରତ୍ୟେକ ପଞ୍ଚାୟତରେ ସରକାରଙ୍କ ପକ୍ଷରୁ ଅଧିକରୁ ଅଧିକ ଦାୟିତ୍ୱ ଦିଆଯାଉଥିଲେ ମଧ୍ୟ ସେମାନଙ୍କ ଦାବିକୁ ସରକାର ଗ୍ରହଣ କରୁନାହାନ୍ତି। ସେମାନଙ୍କୁ ନିୟମିତ ନ କରିବା ଓ ଦରମା ବୃଦ୍ଧି ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ତୁରନ୍ତ ମିଶନ ଶକ୍ତିରେ କାର୍ଯ୍ୟରତ ସମସ୍ତ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ସହ ଦରମା ବୃଦ୍ଧି କରିବାକୁ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ମିଶନ ଶକ୍ତିର ସମସ୍ତ ଷ୍ଟାଫଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବା ସହ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି। ଆମ ଆଦମୀ ପାର୍ଟିର ଜିଲା ସଭାପତି ଜ୍ୟୋତି ରଞ୍ଜନ ପଣ୍ଡାଙ୍କ ନେତୃତ୍ୱରେ ଏହି ଧାରଣାରେ ଶ୍ରୀକାନ୍ତ କୁମାର ପାଣି, ରଞ୍ଜିତ କୁମାର ମହାପାତ୍ର, ପ୍ରଦୀପ କୁମାର ସାହୁଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ସଭା




କାର୍ଯ୍ୟକାରୀ ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

**କଣିହାଁ, ୨୮।୨ (ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଯୁକ୍ତ ୨ ପ୍ରୋଜେକ୍ଟ କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଶ୍ୱତ୍ଥମା ସାହୁଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ କାର୍ଯ୍ୟକାରୀ ଅଧ୍ୟକ୍ଷ ସାହୁଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ମହାବିଦ୍ୟାଳୟର ଅତିଥି ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀଙ୍କ ସମେତ ଛାତ୍ରୀଛାତ୍ରମାନେ କାର୍ଯ୍ୟକାରୀ ଅଧ୍ୟକ୍ଷ ସାହୁଙ୍କ ଛାତ୍ରବତ୍ସଳ, ଶିକ୍ଷାଦାନ ପଦ୍ଧତି ସହ ବିଭିନ୍ନ କାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ। ଏଥିସହ ଅବସରକାଳୀନ ନିରାମୟ ଦୀର୍ଘ ଜୀବନ କାମନା କରିଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ କିଶୋର ଚନ୍ଦ୍ର ଦେହୁରୀ, ମଧୁସୂଦନ ପାଢ଼ୀ, ଶୁଭଲକ୍ଷ୍ମୀ ସାହୁ, ବର୍ଷାରାଣୀ ପ୍ରଧାନ, ସୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ଶିଶିର କୁମାର ଦାଶଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ ଯୋଗ ଦେଇଥିଲେ।

## ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା

**ଅନୁଗୋଳ ଅଫିସ, ୨୮।୨**

ଅନୁଗୋଳ ବ୍ଲକ ସାକୋସିଂହା ପଞ୍ଚାୟତ ଲେପର୍ଶୀ କଲୋନୀ ପରିଦର୍ଶନ କରିବା ସହ ମୌଳିକ ସମସ୍ୟା ସମ୍ପର୍କରେ ବାସିନ୍ଦାଙ୍କ ସହ ଆଲୋଚନା କରିଛନ୍ତି ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାମାନେ। ଏଥିସହ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବାରୁ କର୍ମକର୍ତ୍ତାମାନେ ଜିଲା ପ୍ରଶାସନକୁ ଧନ୍ୟବାଦ ଦେଇଛନ୍ତି।

ପ୍ରକାଶ ଯେ, ଗତ ଜାନୁୟାରୀ ୩୦ରେ କଂଗ୍ରେସ କର୍ମକର୍ତ୍ତାମାନେ କଲୋନିର ବିଭିନ୍ନ ସମସ୍ୟା ନେଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହାପରେ ପ୍ରଶାସନ ଗତ ୨୫ ତାରିଖରେ କଲୋନି ପରିଦର୍ଶନ କରି ମୌଳିକ ଅସୁବିଧାଗୁଡ଼ିକୁ ଦୂର କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ କଲୋନି ବାସୀଙ୍କ ଅନୁରୋଧ କ୍ରମେ ଜିଲା କଂଗ୍ରେସ କମିଟି କର୍ମକର୍ତ୍ତାମାନେ ପୁନର୍ବାର କଲୋନି ପରିଦର୍ଶନରେ ଯାଇ ପ୍ରଶାସନର ପ୍ରତିଶ୍ରୁତି କିପରି ଶୀଘ୍ର କାର୍ଯ୍ୟକାରୀ କରାଯିବ ସେ ନେଇ କଲୋନୀ ବାସୀଙ୍କ ସହ ଆଲୋଚନା କରିଛନ୍ତି। ଜିଲା କଂଗ୍ରେସ କମିଟି ଓବିସି ସେଲ ସଭାପତି ପ୍ରବୋଧ କୁମାର ସ୍ୱାଇଁ, ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ରାକେଶ ମିଶ୍ର, ଜିଲା ଯୁବ କଂଗ୍ରେସ ସଭାପତି ଲୁଟୁ ରଞ୍ଜନ ଥାପା, ଯୁବ କଂଗ୍ରେସ ଉପ ସଭାପତି ଅଭିଷେକ ନାୟକ, ସଂଗ୍ରାମ ବେହେରା, ଯୁବ କଂଗ୍ରେସ ନେତା ମନତ ରାଉତ, କାଳିଆ ବିଶ୍ୱାଳ, ଭକ୍ତି ପ୍ରସାଦ ନାୟକ, ଅତିଶ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



କଲୋନି ପରିଦର୍ଶନରେ ଯାଇଥିବା କଂଗ୍ରେସ କର୍ମକର୍ତ୍ତାମାନେ।

## ବିଜ୍ଞାନ ମଣିଷ ଜୀବନକୁ ସହଜସାଧ କରିଛି



**ଆଠମଲ୍ଲିକ, ୨୮।୨ (ଡି.ଏନ.ଏ.)**

ଆଠମଲ୍ଲିକ ଶିଶୁ ବିଦ୍ୟାମନ୍ଦିରଠାରେ ଜାତୀୟ ବିଜ୍ଞାନ ଦିବସ ଓ ଶିଶୁ ବାଟିକା ବିଭାଗର ମା'ମାନଙ୍କୁ ନେଇ ଘର ହିଁ ବିଦ୍ୟାଳୟ ପ୍ରକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ବିଭାଗର ସଂଘ ଚାଳକ ସୁଧୀର କୁମାର ମିଶ୍ର ଓ ମୁଖ୍ୟବକ୍ତା ଭାବେ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟର ଷ୍ଟାଫ ନର୍ସ ସ୍ନିଗ୍ଧା ରାଣୀ ସିଂ ଯୋଗଦେଇ ବିଜ୍ଞାନ ମଣିଷ ଜୀବନକୁ ସହଜସାଧ କରିଛି ବୋଲି ପ୍ରକାଶ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟ ସୁଜିତ କୁମାର ହୋତା ଜାତୀୟ ବିଜ୍ଞାନ ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଘର ହିଁ ବିଦ୍ୟାଳୟ ପ୍ରକଳ୍ପ, ପ୍ରଶ୍ନ ମଞ୍ଚ, ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ ଓ ପେପର କଟିଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୦ ଜଣ ମା' ଓ ୧୫୦ ଶିଶୁ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଆଚାର୍ଯ୍ୟ ଦିଲୀପ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ସହଯୋଗ କରିଥିଲେ।

## ଛେଣ୍ଡିପଦାରେ ତୀବ୍ର ହେଉଛି ଜନ ଅସନ୍ତୋଷ

**'ଆମ ହସ୍ପିଟାଲ' ଯୋଜନାରୁ ଛେଣ୍ଡିପଦା ସିଏଚ୍‌ସି ବାଦ ପ୍ରସଙ୍ଗ**

**ଛେଣ୍ଡିପଦା,୨୮।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ 'ଆମ ହସ୍ପିଟାଲ' ଯୋଜନାରୁ ବାଦ ଦିଆଯାଇଥିବା ନେଇ ଜନ ଅସନ୍ତୋଷ ମୁଣ୍ଡ ଟେକିଥିବା ବେଳେ ଏ ନେଇ ଛେଣ୍ଡିପଦା ସରପଞ୍ଚ ସୁଦୀପ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବ୍ଲକର ଅଧିକାଂଶ ପଞ୍ଚାୟତବାସୀ ନିର୍ଭର କରିଥାନ୍ତି। ଏପରିକି ସୀମାନ୍ତ ସମ୍ବଲପୁର ଓ ଦେବଗଡ ଜିଲାର ପ୍ରାୟ ୧୫ରୁ ଅଧିକ ପଞ୍ଚାୟତବାସୀ ଚିକିତ୍ସା ପାଇଁ ଆସିଥାନ୍ତି। କିନ୍ତୁ 'ଆମ ହସ୍ପିଟାଲ' ଯୋଜନାରୁ ଏହି ଡାକ୍ତରଖାନାକୁ ବାଦ ଦିଆଯାଇ ସଦର ମହକୁମା ଠାରୁ ୧୫ କିମି ଦୂରରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯୋଜନାରେ ସାମିଲ କରାଯାଉଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ କରାଯାଇଥିଲା। ଆଗାମୀ ଦିନରେ ଛେଣ୍ଡିପଦା ଆଖପାଖ ଅଞ୍ଚଳର ଗ୍ରାମବାସୀଙ୍କୁ ନେଇ ବୈଠକ କରାଯିବ। ଉକ୍ତ ବୈଠକର ନିଷ୍ପତ୍ତି ଅନୁଯାୟୀ କାର୍ଯ୍ୟ କରାଯିବ। ଏଥିସହ ସ୍ୱାସ୍ଥ୍ୟ ସଚିବଙ୍କୁ ଭେଟି ଦାବି ଜଣାଇବା ନିମନ୍ତେ ବୈଠକରେ ନିଷ୍ପତି ନିଆଯାଇଥିଲା। ପୂର୍ବତନ ବିଧାୟକ ଖଗେଶ୍ୱର ବେହେରା, ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନଙ୍କ ସମେତ ଆଖପାଖ ଅଞ୍ଚଳର ଗ୍ରାମ ସଭାପତି ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ ଅଞ୍ଚଳବାସୀ।

## ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତ ଜମାକାରୀଙ୍କ ଗଣସତ୍ୟାଗ୍ରହ

**ଛେଣ୍ଡିପଦା,୨୮।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ ଅଞ୍ଚଳରେ ଚିଟ୍‌ଫଣ୍ଡ ସଂସ୍ଥା ଦ୍ୱାରା କ୍ଷତିଗ୍ରସ୍ତ ଜମାକାରୀମାନେ ମଙ୍ଗଳବାର ତହସିଲ ସମ୍ମୁଖରେ ଗଣସତ୍ୟାଗ୍ରହ କରିବା ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ ହାଇକୋର୍ଟଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାର ମାନସ କୁମାର ରାଏଙ୍କୁ ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତଙ୍କ ମିଳିତ ମଞ୍ଚ ପକ୍ଷରୁ ୪ ଦଫା ଦାବି ନେଇ ଜଗନ୍ନାଥ ମନ୍ଦିର ନିକଟରୁ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହ ପ୍ରଦର୍ଶନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି, କ୍ଷତିଗ୍ରସ୍ତ ଜମାକାରୀଙ୍କ ଚିହ୍ନଟ ପାଇଁ ସରକାର ବସାଇଥିବା ତଦନ୍ତ କମିଶନ ଚୂଡ଼ାନ୍ତ ରିପୋର୍ଟ ଦେବା ପୂର୍ବରୁ ତଦନ୍ତ କମିଶନ ବନ୍ଦ କରି ଦେଇଥିବାରୁ ପ୍ରତ୍ୟେକ ତହସିଲ ଜରିଆରେ ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଚିହ୍ନଟ କରାଯାଉ। ଅସାଧୁ ସଂସ୍ଥା ବିରୋଧରେ ଓଡ଼ିଶା ଜମାକାରୀ ସ୍ୱାର୍ଥରକ୍ଷା ଆଇନ ଅନୁଯାୟୀ ମକଦ୍ଦମା ପଞ୍ଜୀକରଣର ତଦନ୍ତ କରିବା ସହିତ ଜମାକାରୀଙ୍କ ଅର୍ଥରେ କରିଥିବା ସମସ୍ତ ସ୍ଥାବର, ଅସ୍ଥାବର ସମ୍ପତ୍ତି ଜବତ ସହ ଖୋଲା ନିଲାମ କରି ସେହି ଅର୍ଥରୁ ଜମାକାରୀଙ୍କୁ ସୁଧ ସହ ଫେରସ୍ତ କରାଯାଉ। ଏ ନେଇ ମିଳିତ ମଞ୍ଚର ସଭାପତି ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ଜମାକାରୀମାନେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।



ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## କୋଲ୍ ୱାସେରି ଅନୁଧ୍ୟାନ କଲାନି ଟିମ୍

**ନିଷ୍ପତ୍ତି ଅନୁଯାୟୀ ହେଲାନି କାର୍ଯ୍ୟ**

**ଅନୁଗୋଳ ଅଫିସ, ୨୮।୨**

ତାଳଚେର ବ୍ଲକ ଘଣ୍ଟପଡ଼ା ପଞ୍ଚାୟତରେ ଥିବା ଗ୍ଲୋବାଲ କୋଲ୍ ୱାସେରିକୁ ନେଇ ବିପକ୍ଷବାଦୀ ଓ ସପକ୍ଷବାଦୀଙ୍କ ମଧ୍ୟରେ ବିବାଦ ବଢୁଥିବା ବେଳେ ସୋମବାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ କରାଯାଇଥିଲା। ତାଳଚେର ଉପଜିଲାପାଳଙ୍କ ନେତୃତ୍ୱରେ ଏକ ଟିମ୍ ମଙ୍ଗଳବାର ସେଠାକୁ ଅନୁଧ୍ୟାନ କରିବାକୁ ଯିବ ବୋଲି ଜିଲାପାଳ କହିଥିଲେ। ଏପରି କି ୱାସେରିରେ ଯଦି କୌଣସି ଅବ୍ୟବସ୍ଥା ହୋଇଥିବା ନେଇ ରିପୋର୍ଟ ମିଳିବ, ତା'ହେଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। କିନ୍ତୁ କୋଲ ୱାସେରିକୁ ତାଳଚେର ଉପଜିଲାପାଳଙ୍କ ନେତୃତ୍ୱରେ ଯିବାକୁ ଥିବା ଟିମ୍ ମଙ୍ଗଳବାର ଘଟଣାସ୍ଥଳକୁ ଯାଇନାହିଁ। ଫଳରେ ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରଶାସନର ଏପରି ବିଳମ୍ବ ପାଇଁ ବିପକ୍ଷବାଦୀ ଓ ସପକ୍ଷବାଦୀ ପୁନର୍ବାର ମୁହାଁମୁହିଁ ହେଲେ ଏଥିପାଇଁ କିଏ ଦାୟୀ ରହିବେ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଘଟଣା ସମ୍ପର୍କରେ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି, କୌଣସି କାରଣବଶତଃ ଟିମ୍ ମଙ୍ଗଳବାର ଯାଇପାରି ନାହିଁ। ଖୁବ୍‌ଶୀଘ୍ର ଯାଇ ଘଟଣାର ଅନୁଧ୍ୟାନ କରାଯିବ।

## ୧୨ରୁ ଭଲିବଲ ଟୁର୍ନାମେଣ୍ଟ

**ଅନୁଗୋଳ ଅଫିସ, ୨୮।୨**

ଅନୁଗୋଳ ଭଲିବଲ ହୋମ ଦ୍ୱାରା ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଆୟୋଜନ କରାଯିବ। ଆସନ୍ତା ମାର୍ଚ୍ଚ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ବିଜୁ ମଇଦାନଠାରେ ଏହା ଆୟୋଜନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଛି। ଏହି ଟୁର୍ନାମେଣ୍ଟରେ ଭାରତର ଓଏନ୍‌ଜିସି, ତାମିଲନାଡୁ ପୋଲିସ, ସିଆଇଏସ୍‌ଏଫ୍, ପାରାଦୀପ ପୋର୍ଟ, ଓଡ଼ିଶା ଦଳ, ସର୍ବଭାରତୀୟ ସୁପର ଲିଗରେ ଉନ୍ନିତ ହୋଇଥିବା ଛତିଶଗଡ ଦଳ ଓ ଅନ୍ୟ କେତେକ ଦଳ ଭାଗ ନେବା କାର୍ଯ୍ୟସୂଚୀ ରହିଛି ବୋଲି ସାଧାରଣ ସମ୍ପାଦକ ବସନ୍ତ କୁମାର ଦାସ ସୂଚନା ପ୍ରଦାନ କରିଛନ୍ତି।

## ୩ ଦିନ ହେଲା ମଧ୍ୟାହ୍ନଭୋଜନ ବନ୍ଦ

**ନିୟମିତ ଚାଉଳ ପହଞ୍ଚିପାରୁନି**

**ବଇଣ୍ଡା, ୨୮।୨ (ଡି.ଏନ.ଏ.)**

ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ଅଭିମୁଖୀ କରିବା ପାଇଁ ସରକାର ମଧ୍ୟାହ୍ନଭୋଜନ ବ୍ୟବସ୍ଥା କରିଛନ୍ତି। ହେଲେ ଅନେକ ସ୍କୁଲରେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ। ବିଶେଷକରି ଜଙ୍ଗଲ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକରେ ଠିକଣା ଭାବେ ଚାଉଳ ପହଞ୍ଚାଯାଇ ପାରୁ ନ ଥିବାରୁ ସେଠାରେ ପିଲାଙ୍କୁ ମଧ୍ୟାହ୍ନଭୋଜନ ନିୟମିତ ଦିଆଯାଇପାରୁ ନାହିଁ। ଆଠମଲ୍ଲିକ ବ୍ଲକ କନ୍ତପଡା ପଞ୍ଚାୟତ କେନ୍ଦୁଆନାଳୀ ପ୍ରାଥମିକ ବିଦ୍ୟାଳୟରେ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଏହି ବିଦ୍ୟାଳୟରେ ଚାଉଳ ନ ଥିବା ଯୋଗୁ ୩ ଦିନ ହେବ ମଧ୍ୟାହ୍ନ ଭୋଜନ ରୋଷେଇ ବନ୍ଦ ରହିଛି। ଫଳରେ ଛାତ୍ରୀଛାତ୍ରମାନେ ଉପାସରେ ଘରକୁ ଫେରୁଛନ୍ତି। ଏ ନେଇ ଗ୍ରାମବାସୀ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଆଠମଲ୍ଲିକ ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରାଯାଇଛି।

ଗ୍ରାମବାସୀ କହିଛନ୍ତି, ଏହି ବିଦ୍ୟାଳୟ ଜଙ୍ଗଲାଞ୍ଚଳରେ ଥିବା ଯୋଗୁ ସେଠାରେ ଆବଶ୍ୟକ ଶିକ୍ଷା ସାମଗ୍ରୀ ପହଞ୍ଚି ପାରୁନାହିଁ। ଚାଉଳ ନ ଥିବାରୁ ୩୩ ଜଣ ଛାତ୍ରୀଛାତ୍ରଙ୍କ ପାଇଁ ୩ ଦିନ ହେବ ରୋଷେଇ ହୋଇପାରୁନାହିଁ। ୧୦ ଦିନ ହେବ ଚାଉଳ ସରିଯାଇଥିବାରୁ ନିକଟରେ ଥିବା ବିଦ୍ୟାଳୟରୁ ଚାଉଳ ଧାର ଅଣାଯାଇ ରୋଷେଇ କରାଯାଇଥିବା ବେଳେ ଶନିବାର ଠାରୁ ରୋଷେଇ ବନ୍ଦ ରହିଛି। ଏ ନେଇ ବିଦ୍ୟାଳୟ କର୍ତ୍ତୃପକ୍ଷ ବିଇଓଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଯୋଗୁ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନ ଭୋଜନ ଖାଇପାରୁ ନାହାନ୍ତି। ସେହିପରି ମଇମୁରା କ୍ଲଷ୍ଟରର ଅନେକ ବିଦ୍ୟାଳୟରେ ଚାଉଳ ନ ଥିବା ଯୋଗୁ ରୋଷେଇରେ ପ୍ରତିବନ୍ଧକ ସାଜୁଥିବା କେତେଜଣ ଶିକ୍ଷକ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକ ସୁଧାଂଶୁ ନାୟକ କହିଛନ୍ତି, ଚାଉଳ ଯୋଗାଣ ସମ୍ପର୍କରେ ଶିକ୍ଷା ବିଭାଗକୁ ଅବଗତ କରାଯାଇଛି। ଆଠମଲ୍ଲିକ ବ୍ଲକ ଶିକ୍ଷା ଅଧିକାରୀ ଦାଶରଥି ଶୁଣ୍ଢୀ କହିଛନ୍ତି, ମଙ୍ଗଳବାର ଉକ୍ତ ଅଞ୍ଚଳକୁ ଚାଉଳ ଯୋଗାଇ ଦିଆଯାଇଛି।



କେନ୍ଦୁଆନାଳୀ ପ୍ରାଥମିକ ବିଦ୍ୟାଳୟ।

## ସଂକ୍ଷେପରେ

### ବୃଦ୍ଧାଙ୍କ ମୃତଦେହ ଜବତ

**ଢେଙ୍କାନାଳ ଅଫିସ,୨୮।୨:** ଢେଙ୍କାନାଳ ଷ୍ଟେଶନ ରୋଡ୍ ଅଞ୍ଚଳ ଝୋଟମିଲ୍ ମଙ୍ଗଳା ମନ୍ଦିର ନିକଟ ଏକ ଭଡ଼ାଘରୁ ସୋମବାର ସନ୍ଧ୍ୟାରେ ଜଣେ ବୃଦ୍ଧାଙ୍କ ମୃତଦେହ ଜବତ କରାଯାଇଛି। ସେ ହେଲେ ଅନସୂୟା ଦାସ (୭୧)। ମହିଳା ଜଣକ ପେନ୍‌ସନଭୋଗୀ ହୋଇଥିବାବେଳେ ଭଡ଼ାଘରେ ଏକାକୀ ରହୁଥିଲେ। ୪ ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଯାଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଲା ତାହା ଅସ୍ପଷ୍ଟ ରହିଛି। ଟାଉନ ଥାନା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ସୂଚନା ପାଇ ପରିବାର ସଦସ୍ୟ ଆସିବା ପରେ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ନଂ. ୧୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

### ନୂତନ ତହସିଲଦାରଙ୍କ ଯୋଗଦାନ



**କଣିହାଁ, ୨୮।୨ (ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ ତହସିଲରେ ମଙ୍ଗଳବାର ନୂତନ ତହସିଲଦାର ଭାବେ ଡାନିଏଲ ଏକ୍କା ଯୋଗଦାନ କରିଛନ୍ତି। ଦାୟିତ୍ୱ ଗ୍ରହଣ କରିବା ପରେ ନୂଆ ତହସିଲଦାରଙ୍କୁ କର୍ମଚାରୀ, ଜନସାଧାରଣ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ତହସିଲ ସମ୍ବନ୍ଧୀୟ କାର୍ଯ୍ୟକୁ ନେଇ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଓ ଆବେଦନକାରୀଙ୍କୁ ତତ୍କାଳ ସେବା ଯୋଗାଇ ଦିଆଯିବା ପ୍ରଥମ ଲକ୍ଷ୍ୟ ହେବ ବୋଲି ଯୋଗଦାନ ଅବସରରେ ତହସିଲଦାର ପ୍ରକାଶ କରିଛନ୍ତି। ପୂର୍ବରୁ କଣିହାଁରେ ଥିବା ତହସିଲଦାର ପତିତପାବନ ଦେବତାଙ୍କ କେନ୍ଦୁଝର ଜିଲାକୁ ବଦଳି ହୋଇଥିବା ବେଳେ ଛେଣ୍ଡିପଦା ତହସିଲରେ କାର୍ଯ୍ୟରତ ଡାନିଏଲ ଏକ୍କାଙ୍କୁ କଣିହାଁକୁ ବଦଳି ହୋଇଥିଲା।

# ଉପାନ୍ତ ଅଞ୍ଚଳ ବିକାଶକୁ ଗୁରୁତ୍ୱ



ବୈଠକରେ ଜନପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ, ୨୮।୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ମଙ୍ଗଳବାର 'ମୋ ବ୍ଲକ, ମୋ ଢେଙ୍କାନାଳ' ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ଅଧ୍ୟକ୍ଷତା କରି ଦୁର୍ଗମ ତଥା ଉପାନ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱାରୋପ କରିଥିଲେ। ସରକାରୀ ଯୋଜନା ହିତାଧିକାରୀଙ୍କ ନିକଟରେ ପହଞ୍ଚିପାରିଲେ ସେମାନଙ୍କ ଜୀବନଧାରଣର ମାନ ବୃଦ୍ଧି ଘଟିବ। ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ତାଲିକାଭୁକ୍ତ କରିବା, ଗ୍ରୀଷ୍ମପ୍ରବାହ ସମୟରେ ଜଳକ୍ଲିଷ୍ଟ ଅଞ୍ଚଳରେ ଜଳଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଇବା, ଅଧିକ ଶ୍ରମଦିବସ ସୃଷ୍ଟି କରି ଗ୍ରାମାଞ୍ଚଳବାସୀଙ୍କୁ ରୋଜଗାର ଯୋଗାଇ ଦେବାକୁ ଜିଲାପାଳ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଉଦୟ ମହାପାତ୍ର, ଜିଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଦତ୍ତ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ଜ୍ୟୋତିଶଙ୍କର ସାହୁ, ଶିବାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## 'ଅର୍ଥନୀତି ବଦଳାଇଦେଇଛି ନବଜାଗରଣ'


କାର୍ଯ୍ୟକ୍ରମରେ ଅତିଥିମାନେ।

**ସାତମାଇଲ, ୨୮।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ 'ଊନବିଂଶ ଶତାବ୍ଦୀରେ ଭାରତରେ ନବଜାଗରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ବିମଳ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜନତା କଲେଜ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ମହେଶ୍ୱର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ନବଜାଗରଣ ଭାରତର ଅର୍ଥନୀତି ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା। ଶିଳ୍ପାୟନ କ୍ଷେତ୍ରରେ ଯେଉଁ ପରିବର୍ତ୍ତନ ଓ ବିକାଶ ଘଟିଥିଲା, ତାହାର ଅନୁକୂଳ ପ୍ରଭାବ ଅଦ୍ୟାବଧି ଅନୁଭୂତ ହେଉଛି ବୋଲି ସେ ମତବ୍ୟକ୍ତ କରିଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅର୍ଥନୀତି ବିଭାଗ ମୁଖ୍ୟ ହରମୋହନ ସାହୁ ନବଜାଗରଣର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଛାତ୍ରୀ ଅନ୍ନପୂର୍ଣ୍ଣା ମୁଦୁଲି, ଶୁଚିସ୍ମିତା ଭୂତିଆ, ସ୍ମୃତିରେଖା ପ୍ରିୟଦର୍ଶିନୀ ବେହେରା ପ୍ରମୁଖ ପ୍ରସଙ୍ଗଭିତ୍ତିକ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପକ ରଜତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବରାଜଙ୍କୁ 'କୈବଲ୍ୟ ରତ୍ନବେଦୀ' ସମ୍ମାନ

**ମାଧପୁର,୨୮।୨**

ଆଠମଲ୍ଲିକ ବ୍ଲକ ବାସୁଦେବପୁର ଗ୍ରାମନିବାସୀ ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକଙ୍କୁ ରବିବାର 'କୈବଲ୍ୟ ରତ୍ନବେଦୀ' ସମ୍ମାନରେ ସମ୍ମାନିତ କରାଯାଇଛି। କଟକ କଳା ବିକାଶ କେନ୍ଦ୍ରଠାରେ କୈବଲ୍ୟ ସାହିତ୍ୟ ସଂସଦ ପକ୍ଷରୁ ରାଜ୍ୟସ୍ତରୀୟ କିମ୍ବଦନ୍ତୀ ଆଧାତ୍ମିକ ସାହିତ୍ୟ ମହାସଭାରେ ନାୟକଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ନାୟକ ଜଣେ ସୁଲେଖକ ଏବଂ ସାହିତ୍ୟିକ ଭାବେ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଛନ୍ତି। ତାଙ୍କୁ 'କୈବଲ୍ୟ ରତ୍ନବେଦୀ' ସମ୍ମାନରେ ସମ୍ମାନିତ କରାଯାଇଥିବାରୁ ମାଧପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।




## ୨ ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ

**ଆଠମଲ୍ଲିକ, ୨୮।୨ (ଡି.ଏନ.ଏ.)**

ଆଠମଲ୍ଲିକ ଅଞ୍ଚଳରେ ବେଆଇନ ଖଣିଜ ପଦାର୍ଥ ଉତ୍ତୋଳନ ଓ ଚାଲାଣ ରୋକିବାକୁ ଉପଖଣ୍ଡ ପ୍ରଶାସନ ଚଢ଼ାଉ ଜାରି ରଖିଛି। ସୋମବାର ରାତି ୧୦ଟାରେ ଉପଜିଲାପାଳ ତରଣୀ ସୁନାଙ୍କ ନେତୃତ୍ୱରେ ଆଠମଲ୍ଲିକ ବ୍ଲକ ପଇଞ୍ଚକୁଳ ଓଲଥ ମହାନଦୀ ଘାଟରେ ଚଢ଼ାଉ କରାଯାଇଥିଲା। ବେଆଇନ ବାଲି ବୋଝେଇ ହୋଇଥିବା ୩ଟି ଟ୍ରାକ୍ଟର ଓ ବାଲି ଲୋଡିଂରେ ନିୟୋଜିତ ଗୋଟିଏ ଜେସିବିକୁ ଜବତ କରାଯାଇଥିଲା। ଉପଜିଲାପାଳ ସୁନାଙ୍କ ସହ ତହସିଲଦାର ଯଶୋବନ୍ତ ଦେହୁରୀ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ସହକାରୀ ଜିଲାପାଳ ସୁଜିତ ଭୋଇ, ଅଏଡା ରାଜସ୍ୱ ନିରୀକ୍ଷକ ଅମରେନ୍ଦ୍ର ଦେହୁରୀ ଓ କଇଁତ୍ରାଗଡ଼ ରାଜସ୍ୱ ନିରୀକ୍ଷକ ରାଜେଶ ନାଏକ ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ। ବେଆଇନ ବାଲି ଚୋରାଚାଲାଣରେ ନିୟୋଜିତ ଜେସିବି ଓ ଟ୍ରାକ୍ଟର ପାଇଁ ତହସିଲ ପକ୍ଷରୁ ୨ ଲକ୍ଷ ୧୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ଜଣାଯାଇଛି।

## ଆଇନଗତ ସୁରକ୍ଷା ଉପରେ ଆଲୋକପାତ

**ଅନୁଗୋଳ ଅଫିସ, ୨୮।୨**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ସୋମବାର ଲିଙ୍ଗଗତ ହିଂସା ଓ ସ୍ୱାସ୍ଥ୍ୟଗତ ଯତ୍ନ ସମ୍ପର୍କିତ ଏକ ୨ ଦିନିଆ ଜିଲାସ୍ତରୀୟ କର୍ମଶାଳା ଜାତୀୟ ସ୍ୱାସ୍ଥ୍ୟ ମିଶନ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରି ମହିଳାମାନଙ୍କ ସ୍ୱାସ୍ଥ୍ୟଗତ ସୁରକ୍ଷା ଓ ବିଭିନ୍ନ ପ୍ରକାର ଆକ୍ରମଣର ଶିକାର ହେଉଥିବା ମହିଳାମାନଙ୍କୁ ସାମାଜିକ ଏବଂ ଆଇନଗତ ସୁରକ୍ଷା ଦେବା ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ବିଭିନ୍ନ ଚିକିତ୍ସାଳୟରୁ ମେଡିକାଲ ଅଫିସର ଏବଂ ଷ୍ଟାଫ ନର୍ସ ଯୋଗଦେଇ ତାଲିମ ଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ମହିଳା କମିଶନ ପୂର୍ବତନ ଅଧ୍ୟକ୍ଷା ନମ୍ରତା ଚଢ଼ା ପରିଚାଳନା କରି ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାର, କନ୍ୟାଭ୍ରୂଣ ହତ୍ୟା, ଅସଦାଚରଣକୁ ରୋକିବା ସମ୍ପର୍କରେ ଥିବା ଆଇନର ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତାରିତ ହୋଇଥିବା ମହିଳାଙ୍କ ସପକ୍ଷରେ ବୈଜ୍ଞାନିକ ଆଧାରିତ ପରୀକ୍ଷାମୂଳକ ତଥ୍ୟ ପ୍ରମାଣପତ୍ର ଆଧାରରେ ଦୋଷୀଙ୍କୁ ଦଣ୍ଡ ଦେବାର ପ୍ରାବଧାନକୁ ମଜଭୁତ କରାଯାଇପାରିବ ବୋଲି ବାଙ୍ଗାଲୋରର ଫୋରେନସିକ୍ ଏକ୍ସପର୍ଟ ଡା. ଦେବଦାସ ପି.କେ. ତାଲିମ ନେଉଥିବା ସମସ୍ତ ଅଧିକାରୀଙ୍କୁ ବୁଝାଇଥିଲେ। ସ୍ୱେଚ୍ଛାସେବୀ ସଂସ୍ଥା ସାଥୀର ଜିଲା ସଂଯୋଜକ ଚନ୍ଦନ କୁମାର ପ୍ରଧାନ, କମ୍ୟୁନିଟି ମୋବିଲାଇଜର ଚଚନ୍ଦ ନାୟକ, ରାଜ୍ୟ କାର୍ଯ୍ୟକ୍ରମ ବିଶେଷଜ୍ଞ ଅଫସାନା ବେଗମଙ୍କ ସହିତ ଏନ୍‌ଜେଣ୍ଡର ହେଲ୍‌ଥ ଷ୍ଟ୍ରେଟ ପ୍ରୋଜେକ୍ଟ ମ୍ୟାନେଜର ଖୁସବୁ ବ୍ରୋଥା ଓ ଷ୍ଟେଟ ପ୍ରୋଜେକ୍ଟ ଆସୋସିଏଟ ନୂତନ ଦ୍ୱିବେଦୀଙ୍କ ମିଳିତ ସହଯୋଗରେ କାର୍ଯ୍ୟକ୍ରମ ସଫଳତାର ସହ ସମାପନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ (ଏନ୍‌ଏଚ୍‌ଏମ୍) ଦୀପକ କୁମାର ମହାନ୍ତି ଓ ଆଶା ମ୍ୟାନେଜର ବିକାଶିନୀ ପରିଡ଼ାଙ୍କ ସହିତ ପ୍ରଶିକ୍ଷାର୍ଥୀମାନେ ଯୋଗ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## 'ବିଜ୍ଞାନ ପ୍ରତି ଆଗ୍ରହୀ ହୁଅ'

**ଢେଙ୍କାନାଳ ଅଫିସ, ୨୮।୨**

ଢେଙ୍କାନାଳସ୍ଥିତ ଡ. ଦାଶରଥି ମିଶ୍ର ହାଇସ୍କୁଲରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜନା ମିଶ୍ର ସଭାପତିତ୍ୱ କରି ବିଜ୍ଞାନ ପ୍ରତି ଆଗ୍ରହୀ ହେବାକୁ ପରାମର୍ଶ ଦେଇଥିଲେ। ଏଥିସହ ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ପାଠ କରିଥିଲେ। ସୁପ୍ତ ଶକ୍ତି ଜାଗ୍ରତ ହେଲେ ବୈଜ୍ଞାନିକ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା। ବିଜ୍ଞାନଭିତ୍ତିକ କୁଇଜ୍ ପ୍ରତିଯୋଗିତାକୁ ବିଜ୍ଞାନ ଶିକ୍ଷୟିତ୍ରୀ ସରଳା ସାହୁ ସଞ୍ଚାଳନ କରିଥିଲେ। ଶିକ୍ଷକ ସୁଶୀଳ କୁମାର ସାହୁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ କବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବହୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।


ଜାତୀୟ ବିଜ୍ଞାନ ଦିବସ ପାଳନ ଅବସରରେ ଅତିଥିମାନେ।

## 'ପୁସ୍ତକ ଅଧ୍ୟୟନ ଅଭ୍ୟାସ କମୁଛି'


ଲକ୍ଷ୍ମୀ ଦେବୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି।

**ଢେଙ୍କାନାଳ ଅଫିସ,୨୮।୨**

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଲାଇବ୍ରେରି ଆନୁକୂଲ୍ୟରେ ଇ-ରିସୋର୍ସ ସମ୍ପର୍କିତ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି କଲେଜ ଅଧ୍ୟକ୍ଷ ପ୍ରଫେସର ରଞ୍ଜିତ କୁମାର ପ୍ରଧାନ କହିଲେ, ଏବେକାର ସମୟରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୁସ୍ତକ ଅଧ୍ୟୟନ ଅଭ୍ୟାସ କମିଯାଉଛି। ତେଣୁ ଇଣ୍ଟରନେଟ୍‌ରେ ଉପଲବ୍ଧ ଇ-ରିସୋର୍ସଗୁଡିକର କିପରି ସଦୁପଯୋଗ କରିହେବ, ସେ ଉପରେ ଗୁରୁତ୍ୱ ଦେବାକୁ ଅଧ୍ୟକ୍ଷ ପରାମର୍ଶ ଦେଇଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ବରାଳ ନୂତନ ଜ୍ଞାନକୌଶଳ ମାଧ୍ୟମରେ କିପରି ଅଧିକ ଜ୍ଞାନ ଆହରଣ କରିହେବ, ସେ ସମ୍ପର୍କରେ ସଚେତନ କରାଇଥିଲେ। ଲାଇବ୍ରେରି ଅଧିକାରୀ ଡ. ଅନିରୁଦ୍ଧ ଖିଲାର, ପ୍ରଶାସନିକ ଅଧିକାରୀ ଡ. ଦେବାଶିଷ ମହାନ୍ତି, ଅଧ୍ୟାପିକା ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଲାଇବ୍ରେରିଆନ ଲକ୍ଷ୍ମୀ ଦେବୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ନୂତନ ଲାଇବ୍ରେରିଆନ ସୁବାଶିଷ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## 'ସେବା ପାଇଁ ସୁନାମ ଅର୍ଜିଛି ରେଡ୍‌କ୍ରସ୍'




**ପରଜଙ୍ଗ, ୨୮।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ଆଦର୍ଶ ବିଦ୍ୟାଳୟରେ ଜିଲା ଜୁନିୟର ରେଡ୍‌କ୍ରସର ଶିକ୍ଷା ଓ ତାଲିମ ଶିବିର ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଦୁଇଦିନ ଧରି ଚାଲିବାକୁ ଥିବା ଏହି ଶିବିରକୁ ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜେଆର୍‌ସିର ଅଧ୍ୟକ୍ଷା ତଥା ଡିଇଓ ନିବେଦିତା ପାଣି, ଜେଆର୍‌ସିର ଅତିରିକ୍ତ ଅଧ୍ୟକ୍ଷ ସସ୍ମିତା ସାହୁ, ବିଡିଓ ସଂଗ୍ରାମ କେଶରୀ ଭୋଳ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡା, ବିଇଓ ହରିହର ଦେହୁରୀ, ବ୍ରହ୍ମାନନ୍ଦ ରାଉତ, ଜଗବନ୍ଧୁ ଜେନା, ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଦେବାଶିଷ ପଲେଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ହେଉ କି ଦୁର୍ଘଟଣା, ଜୁନିୟର ରେଡ୍‌କ୍ରସ୍ ସବୁବେଳେ ଆଗରେ ରହିଆସିଛି। ବିଶେଷ କରି ସେବାମୂଳକ କାର୍ଯ୍ୟ ପାଇଁ ଏହି ଅନ୍ତର୍ଜାତୀୟ ସଙ୍ଗଠନ ସୁନାମ ଅର୍ଜିଛି ବୋଲି ମତପ୍ରକାଶ ପାଇଥିଲା। ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

ଜିଲାର ୮ ବ୍ଲକର ବହୁ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ଶିବିରରେ ଭାଗନେଇଛନ୍ତି। ସେମାନଙ୍କ ଭ୍ରାତୃତ୍ୱ ଭାବ, ପରୋପକାର, ସେବାକାର୍ଯ୍ୟ, ଆବଶ୍ୟକ ସମୟରେ ପ୍ରାଥମିକ ଚିକିତ୍ସା, ପ୍ରାକୃତିକ ବିପତ୍ତି ସମୟରେ ଉଦ୍ଧାର କାର୍ଯ୍ୟ ଭଳି ବିଭିନ୍ନ ବିଷୟରେ ତାଲିମ ଦିଆଯିବ।

## ଦାଣ୍ଡିମାଳ କ୍ରିକେଟ: ବଡ଼ମ୍ବା ଚାମ୍ପିୟନ

**ଢେଙ୍କାନାଳ ଅଫିସ, ୨୮।୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଙ୍କରାନ୍ତିପୁର ନିକଟ ରୟାଲ ଖେଳପଡ଼ିଆରେ ଚାଲିଥିବା ୩ୟ ଦାଣ୍ଡିମାଳ କ୍ରିକେଟ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଢେଙ୍କାନାଳ କିଆଝର କ୍ରିକେଟ କ୍ଲବକୁ ହରାଇ ବଡମ୍ବା ଭେଲିପାଳ ଦଳ ଚାମ୍ପିୟନ ହୋଇଛି। ପ୍ରଥମେ ବ୍ୟାଟିଂ କରି କିଆଝର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୧୮୯ ରନ କରିଥିଲା। ଜବାବରେ ବଡମ୍ବା ୧୬ ଓଭରରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ଗଙ୍ଗାଧର ରାଉତ, ମୁଖ୍ୟବକ୍ତା ଜିଲା ପରିଷଦ ସଭ୍ୟ ବାଳକୃଷ୍ଣ ସାହୁ, ସମ୍ମାନିତ ଅତିଥି ଶୁଭେନ୍ଦୁ ଦାସ, ବିନୋଦ ମହାନ୍ତି ପ୍ରମୁଖ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଦାଣ୍ଡିମାଳ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ୮ ଦଳ ଭାଗନେଇଥିଲେ। ବିଶ୍ୱଜିତ ନାୟକ, ପ୍ରଭାସ ନାୟକ, ଶ୍ରୀବତ୍ସ ଜେନା, ରବିନାରାୟଣ, ଅଜିତ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।


ଚାମ୍ପିୟନ ବଡମ୍ବା ଦଳକୁ ପୁରସ୍କାର ପ୍ରଦାନ କରାଯାଉଛି।

## ମିଶନ ଶକ୍ତି କର୍ମଚାରୀଙ୍କୁ ସ୍ଥାୟୀ କର



ଏଏପି କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୨୮।୨**

ମିଶନ ଶକ୍ତିରେ କାର୍ଯ୍ୟରତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କୁ ସ୍ଥାୟୀ ମାନ୍ୟତା ପ୍ରଦାନ ଦାବିରେ ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛି ଆମ୍ ଆଦ୍‌ମୀ ପାର୍ଟି (ଏଏପି)। ଏ ସଂକ୍ରାନ୍ତରେ ଦଳ ପକ୍ଷରୁ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ସରୋଜ କୁମାର ସେଠୀଙ୍କୁ ପ୍ରଦାନ କରାଯାଇଛି।

ଦଳ ପକ୍ଷରୁ ଅଭିଯୋଗ କରାଯାଇଛି

### ଦାବି କଲା ଏଏପି

ଯେ, ଏମ୍‌ବିକେ, ସିଆର୍‌ପି, ପ୍ରାଣୀମିତ୍ର, କୃଷିମିତ୍ର ଏବଂ ବ୍ୟାଙ୍କ ମିତ୍ରମାନେ ମିଶନ ଶକ୍ତିରେ ସହାୟକ ଷ୍ଟାଫ୍ ଭାବେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଛନ୍ତି। ପଞ୍ଚାୟତସ୍ତରରେ ସେମାନଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ହେଲେ ସେମାନଙ୍କ ଦରମା ବୃଦ୍ଧି କରାଯାଉନାହିଁ କିମ୍ବା ସ୍ଥାୟୀ ମାନ୍ୟତା ପ୍ରଦାନ କରାଯାଉନାହିଁ। ଏହାର ପ୍ରତିବାଦରେ ଗତ ଫେବୃୟାରୀ ୨୦ରେ 'ଅଲ୍ ଓଡ଼ିଶା ଜିପିଏଲ୍‌ଏଫ୍ ମିଶନ ଶକ୍ତି କର୍ମୀ ସାମ୍ମୁଖ୍ୟ' ଆନ୍ଦୋଳନକୁ ଓହ୍ଲାଇଥିଲା। ପ୍ରାୟ ୨୦ ହଜାର କର୍ମଚାରୀ ଏଥିରେ ଯୋଗଦେଇଥିଲେ। ତେଣୁ ସେମାନଙ୍କ ଦାବିକୁ ରାଜ୍ୟ ସରକାର ଗୁରୁତ୍ୱର ସହ ବିଚାର କରିବାକୁ ଏଏପି ପକ୍ଷରୁ ଦାବି କରାଯାଇଛି। ଜିଲା ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ବହୁ କର୍ମୀ ଯୋଗଦେଇଥିଲେ।

## 'ରମଣଙ୍କ ଅବଦାନ ଅନନ୍ୟ'

**କାମାକ୍ଷାନଗର, ୨୮।୨(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ମଙ୍ଗଳବାର ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ବଟକୃଷ୍ଣ ଦାସ ଯୋଗଦେଇ କହିଲେ, ନୋବେଲ ବିଜେତା ଚନ୍ଦ୍ରଶେଖର ଭେଙ୍କଟରମଣଙ୍କ କୀର୍ତ୍ତି ଓ କୃତିତ୍ୱ ବିଶ୍ୱପାଇଁ ବରଦାନ। ତାଙ୍କ ନୀତି, ଆଦର୍ଶ ଏବଂ ପରାକାଷ୍ଠା ଅନନ୍ୟ। ଏହାକୁ ପାଥେୟ କଲେ ଯୁବପିଢ଼ି ସଫଳତା ହାସଲ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ବିଜ୍ଞାନ ଶିକ୍ଷୟିତ୍ରୀ ସୁମିତ୍ରା ଜେନା ଓ ଆକାଶ ରାଉତଙ୍କ ପରିଚାଳନାରେ ବିଜ୍ଞାନ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଛାତ୍ର ଶୁଭ୍ରାଂଶୁ ସାହୁ, ଜଗଦୀଶ ପ୍ରସାଦ ଖିଲାର, ଛାତ୍ରୀ ଅଭିଲିପ୍ସା ସାହୁ ବିଜ୍ଞାନ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ବିଜ୍ଞାନ ଶିକ୍ଷକ ନିରଞ୍ଜନ ସାହୁ, ଚନ୍ଦ୍ରମଣି ଲେଙ୍କା, ଧ୍ରୁବଚରଣ ସୁନ୍ଦରାୟ, ବସନ୍ତ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ଶିକ୍ଷକ ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ନିର୍ମଳ ମହାନ୍ତି, ସୌଭାଗ୍ୟ ସାହୁ, ସମରେନ୍ଦ୍ର ନାୟକ, ଶିକ୍ଷୟିତ୍ରୀ କବିତା ରାଉତ, ପ୍ରଭାତୀ ସାହୁ, ଗୀତା ମହାପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

# ଚଞ୍ଚକତା କରି ଜମି ହଡ଼ପ

■ ଢେଙ୍କାନାଳରେ ପୁଣି ଦଲାଲ ଗୋଷ୍ଠୀ ସକ୍ରିୟ
■ ରେଜିଷ୍ଟ୍ରାର କାର୍ଯ୍ୟାଳୟ କର୍ମଚାରୀଙ୍କ ସମ୍ପୃକ୍ତି ଚର୍ଚ୍ଚା

ଢେଙ୍କାନାଳ ଅଫିସ, ୨୮।୨

ଢେଙ୍କାନାଳ ଜିଲାରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ କମୁନାହିଁ। ବିଭିନ୍ନ ଉପାୟରେ ଚଞ୍ଚକତା କରି ସେମାନେ ଜମି ହଡ଼ପ କରି ନେଉଛନ୍ତି। ଏଭଳି ବେଆଇନ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ପୂର୍ବରୁ ଜଣେ ଅତିରିକ୍ତ ତହସିଲଦାରଙ୍କ ସମେତ ତହସିଲ ଅଫିସର କେତେଜଣ କର୍ମଚାରୀ ଓ ଅଭିଯୁକ୍ତ ବନ୍ଧା ହୋଇଥିବାବେଳେ ଏବେ ସଦର ଥାନା ପଦ୍ମନାଭପୁର ମୌଜାରେ ଜଣେ ବ୍ୟକ୍ତିଙ୍କ ୯୫ ଡେସିମିଲ ଜମିକୁ ଚଞ୍ଚକତା କରି ବିକ୍ରି କରାଯାଇଛି। ଏଥିରେ ଜିଲା ରେଜିଷ୍ଟ୍ରାର କାର୍ଯ୍ୟାଳୟର କେତେଜଣ କର୍ମଚାରୀ ସାମିଲ ଥିବା ଅଭିଯୋଗ ହୋଇଛି। ସବୁଠାରୁ ବଡ଼ କଥା ହେଉଛି, ଚକ୍ରାନ୍ତର ଶିକାର ହେବା ପରେ ଅଭିଯୋଗକାରୀ ଦୁଇଟି ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ ଅଭିଯୋଗ ଗ୍ରହଣ କରିବା ବଦଳରେ ଫେରାଇ ଦେଇଛି।

ଘଟଣାରୁ ଜଣାପଡ଼ିଛି, ଅନୁଗୋଳ ଜିଲା ତାଳଚେର କଳିଆରୀ ଥାନା କଳମଛୁଇଁ ନିବାସୀ ତଥା ନାଲ୍‌କୋର ଅବସରପ୍ରାପ୍ତ କର୍ମଚାରୀ ପ୍ରତାପ ଚନ୍ଦ୍ର ମହାପାତ୍ର (୬୫) ଢେଙ୍କାନାଳ ସଦର ତହସିଲ ପଦ୍ମନାଭପୁର ମୌଜାର ଖାତା ନଂ. ୪, ପ୍ଲଟ ନଂ. ୧୫୦୦ର ୯୫ ଡେସିମିଲ ଟଇଲା କିସମ ଜମିକୁ ୨୦୧୭ ଜୁନ୍ ୨୭ରେ କିଣିଥିଲେ, ଯାହାର ରେକର୍ଡଧାରୀ ଥିଲେ ଅଜାତି ରାଉତଙ୍କ ଉତ୍ତରାଧିକାରୀ ଦାଶରଥି ରାଉତ। ଏହାର ପଟ୍ଟା ଲାଗି ସେ ତହସିଲ ଅଫିସରେ ଆବେଦନ କରିଥିଲେ। ହେଲେ ଅନ୍‌ଲାଇନ୍‌ରେ ଯାଞ୍ଚ ବେଳେ ଉକ୍ତ ଜମିର ପଟ୍ଟା ତାଙ୍କ ନାମରେ ନ ଥିବା ଜଣାପଡ଼ିଥିଲା। ଏହା ଅନ୍ତର୍ଯ୍ୟାମୀ ବେହେରା ନାମକ ଜଣେ ବ୍ୟକ୍ତିଙ୍କ ନାମରେ ରେକର୍ଡ ହୋଇଥିଲା। ଏହାପରେ ସେ ଜିଲା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟକୁ ଆସି ଆବଶ୍ୟକ କାଗଜପତ୍ର ବାହାର କରିଥିଲେ। ତନାଘନା ବେଳେ ଜଣାପଡ଼ିଥିଲା ଯେ, ସବ୍ ରେଜିଷ୍ଟ୍ରି କାର୍ଯ୍ୟାଳୟର ଜଣେ ଦଲିଲ ଲେଖକ ଚଞ୍ଚକତା କରି ପ୍ରତାପ ଚନ୍ଦ୍ର ମହାପାତ୍ରଙ୍କ ନାମରେ ଥିବା ପଟ୍ଟାକୁ ପ୍ରତାପ କୁମାର ମହାପାତ୍ର ଲେଖି ବଦଳାଇ ଦେଇଛନ୍ତି। ୨୦୨୧ ଜୁଲାଇ ୧୩ରେ ପ୍ରତାପ କୁମାର ମହାପାତ୍ରଙ୍କ ନାମରେ ଥିବା ଏକ ଆଧାରକାର୍ଡ ଆଣି ଭାପୁର ଫାଣ୍ଡି ଅଧୀନ ରଥପଦା ଗ୍ରାମର ଅନ୍ତର୍ଯ୍ୟାମୀ ବେହେରାଙ୍କ ନାମରେ ରେଜିଷ୍ଟ୍ରି କରାଇଥିଲେ। ଅନ୍ତର୍ଯ୍ୟାମୀଙ୍କ ନାମରେ ତହସିଲ କାର୍ଯ୍ୟାଳୟରୁ ଉକ୍ତ ଜମିର ପଟ୍ଟା ବାହାର କରାଯାଇଥିଲା। ସବୁଠାରୁ ବଡ଼କଥା ହେଉଛି, ନୂତନ ଦଲିଲରେ ଥିବା ୨ଜଣ ସାକ୍ଷୀ ପୂର୍ବରୁ ଜମି ହଡ଼ପ ଘଟଣାରେ ସମ୍ପୃକ୍ତ। ଏପରିକି ସେମାନେ ଜେଲଦଣ୍ଡ ମଧ୍ୟ ଭୋଗିଛନ୍ତି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜମି ମାଲିକ ପ୍ରତାପ ଚନ୍ଦ୍ର ମହାପାତ୍ର ମଙ୍ଗଳବାର ଜିଲାପାଳ, ଉପଜିଲାପାଳ ଓ ଜିଲା ରେଜିଷ୍ଟ୍ରାରଙ୍କୁ ଲିଖିତ ଭାବେ ଜଣାଇଛନ୍ତି।

ଏ ସଂକ୍ରାନ୍ତରେ ଜିଲା ରେଜିଷ୍ଟ୍ରାର ଗୁରୁଚରଣ ମଲ୍ଲ କୁହନ୍ତି, ଅଭିଯୋଗ ପାଇଛୁ। ଏଥିରେ ଜଣେ ମଧ୍ୟସ୍ଥ ରହିଥିବା ବେଳେ ଆଉ ଜଣେ ଦଲିଲ ଲେଖିଥିବା ଜଣାପଡ଼ିଛି। ଉପଜିଲାପାଳ ଓ ଜିଲାପାଳଙ୍କ ସହ ଆଲୋଚନା କରି ଥାନାରେ ମାମଲା ରୁଜୁ କରାଯିବ।


ଜିଲା ରେଜିଷ୍ଟ୍ରି କାର୍ଯ୍ୟାଳୟ।


ଅଭିଯୋଗକାରୀ ପ୍ରତାପ ଚନ୍ଦ୍ର ମହାପାତ୍ର।

### ଅଭିଯୋଗ ରଖୁନି ପୋଲିସ

ଜମି ହଡ଼ପର ଶିକାର ହୋଇଥିବା ଜାଣିବା ପରେ ପ୍ରତାପ ଚନ୍ଦ୍ର ମହାପାତ୍ର ପ୍ରଥମେ ଟାଉନ ଥାନାରେ ଅଭିଯୋଗ କରିଥିଲେ। ହେଲେ ପୋଲିସ ତାଙ୍କ ଅଭିଯୋଗ ରଖି ନ ଥିଲା। ଯେଉଁ ଅଞ୍ଚଳରେ ଜମି ଅଛି, ସେହି ଅଞ୍ଚଳର ଥାନାରେ ଅଭିଯୋଗ କରିବା ପାଇଁ କହି ଫେରାଇ ଦେଇଥିଲା। ଏହାପରେ ସେ ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ। ସେଠାରେ ମଧ୍ୟ ତାଙ୍କୁ ନିରାଶ ହେବାକୁ ପଡ଼ିଥିଲା। ଡିଏସ୍‌ପିଙ୍କୁ ପଚାରି ଅଭିଯୋଗ ଗ୍ରହଣ କରାଯିବ ବୋଲି କହି ପୋଲିସ ତାଙ୍କୁ ପଳାଇଯିବାକୁ କହିଥିଲା। ଏପରି କି ଥାନାର କର୍ମଚାରୀମାନେ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ପ୍ରତାପ ଅଭିଯୋଗ କରିଛନ୍ତି। ଜନସାଧାରଣଙ୍କ ଅଭିଯୋଗକୁ ଧୈର୍ଯ୍ୟର ସହ ଶୁଣିବା ଏବଂ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସତ୍ତ୍ୱେ ଜଣେ ହିତାଧିକାରୀଙ୍କୁ ଗୋଟିଏ ଥାନାରୁ ଅନ୍ୟ ଥାନାକୁ ଦଉଡ଼ାଇବା ଆଲୋଚନାର ବିଷୟ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର କୁହନ୍ତି, ମାମଲା ରୁଜୁ ପାଇଁ ତୁରନ୍ତ ବ୍ୟବସ୍ଥା କରାଯିବ।

### ଭିଜିଲାନ୍ସ ତଦନ୍ତ ଦାବି

ଢେଙ୍କାନାଳ ଜିଲା ରେଜିଷ୍ଟ୍ରି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା କେତେଜଣ କର୍ମଚାରୀଙ୍କ ସହ ଜମି ଦଲାଲଙ୍କ ଅସାଧୁ ମେଣ୍ଟ ଗଢ଼ି ଉଠିଥିବା ଚର୍ଚ୍ଚା ହେଉଛି। ଏମାନେ କୌଶଳକ୍ରମେ ମୂଲ୍ୟବାନ ଜମି ହଡ଼ପ କରୁଛନ୍ତି। ତଥାପି ସେମାନଙ୍କ ବିରୋଧରେ କୋହଳ ମନୋଭାବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଜମି କ୍ରୟବିକ୍ରୟ ସଂକ୍ରାନ୍ତ ବିବାଦୀୟ ମାମଲାର ଭିଜିଲାନ୍ସ ତଦନ୍ତ କରାଗଲେ ଜିଲାରେ ଜମି କେଳେଙ୍କାରୀ ସମ୍ପର୍କିତ ବହୁ ସଙ୍ଗିନ ତଥ୍ୟ ପଦାକୁ ଆସନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ହିନ୍ଦୋଳ ରାଜନୀତି ଚଳଚଞ୍ଚଳ

ବାଜିଲା ଏନ୍‌ଏସି ନିର୍ବାଚନୀ ବିଗୁଲ

ହିନ୍ଦୋଳ, ୨୮।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିରେ ଆସନ୍ତା ଏପ୍ରିଲ ୩ରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ମଙ୍ଗଳବାର ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଅନ୍ୟପଟେ ନିର୍ବାଚନୀ ବିଗୁଲ୍ ବାଜିବା ପରେ ସହରାଞ୍ଚଳ ରାଜନୈତିକ ବାତାବରଣରେ ଉଷ୍ମତା ପରିଲକ୍ଷିତ ହୋଇଛି।

୧୬ ୱାର୍ଡ ବିଶିଷ୍ଟ ହିନ୍ଦୋଳ ଏନ୍‌ଏସିର କାର୍ଯ୍ୟକାଳ ଆସନ୍ତା ଏପ୍ରିଲ ୧୨ରେ ଶେଷ ହେଉଛି। ଏଥିପୂର୍ବରୁ ୩ ତାରିଖରେ ପୌରାଞ୍ଚଳବାସୀ ସେମାନଙ୍କ ଜନପ୍ରତିନିଧିଙ୍କୁ ବାଛିବେ। ନିର୍ବାଚନ ଲାଗି ମଙ୍ଗଳବାରଠାରୁ ଏପ୍ରିଲ ୫ ଯାଏ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଆସନ୍ତା ମାର୍ଚ୍ଚ ୩ରୁ ୧୫ ଯାଏ ଆଶାୟୀମାନେ ନାମାଙ୍କନ ପତ୍ର ଦାଖଲ କରିବେ। ୧୭ ତାରିଖରେ ଏହାର ଯାଞ୍ଚ କରାଯିବ। ୨୦ ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଏପ୍ରିଲ୍ ୩ରେ ଭୋଟଗ୍ରହଣ ଦିନଧାର୍ଯ୍ୟ କରାଯାଇଥିବାବେଳେ ୫ ତାରିଖରେ ଗଣତି ସହ ଫଳାଫଳ ଘୋଷଣା କରାଯିବ। ୧୯ ତାରିଖରେ ଉପାଧ୍ୟକ୍ଷ ପଦବୀରେ ନିର୍ବାଚନ ହେବ।

ହିନ୍ଦୋଳ ଏନ୍‌ଏସି ନିର୍ବାଚନ ଲାଗି ଡିସେମ୍ବର ୫ରେ ୱାର୍ଡଗୁଡ଼ିକର ସୀମା ନିର୍ଦ୍ଧାରଣ କରାଯାଇଥିଲା। ଏଥିସହ କାଉନ୍‌ସିଲର ଏବଂ ନଗରପାଳ ପଦବୀ ଲାଗି ଆସନ ସଂରକ୍ଷଣ ଚୂଡ଼ାନ୍ତ ପ୍ରକ୍ରିୟା ଶେଷ ହୋଇଥିଲା। ସେହିପରି ଗତ ଫେବୃୟାରୀ ୨୧ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତ ହୋଇଥିଲା। ଚଳିତ ନିର୍ବାଚନରେ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗ ଲାଗି ସଂରକ୍ଷିତ ରହିଥିବାବେଳେ ନୂତନ ନିୟମ ଅନୁଯାୟୀ ଏଥିଲାଗି ସିଧାସଳଖ ମତଦାନ ହେବ। ଭୋଟରମାନେ ନଗରପାଳ ଓ କାଉନସିଲର ପଦବୀ ଲାଗି ଦୁଇଟି ଭୋଟ ଦେବେ।

ସୂଚନାଯୋଗ୍ୟ, ଗତ ନିର୍ବାଚନରେ ହିନ୍ଦୋଳ ଏନ୍‌ଏସି ବିଜେଡି କବ୍‌ଜାରେ ଥିଲା। ତେବେ ଦଳୀୟ କାଉନ୍‌ସିଲରଙ୍କ ଅନାସ୍ଥାରେ ନଗରପାଳ ରୀନାରାଣୀ ବେହେରା ହାରିବା ଏବଂ ଏହି ମାମଲା ହାଇକୋର୍ଟ ଯାଏ ଯିବା ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଥିଲା। ଏହାପରଠାରୁ ଉପନଗରପାଳ ଟିମା ବେହେରା ନଗରପାଳ ଦାୟିତ୍ୱ ତୁଲାଉଛନ୍ତି। ଏନ୍‌ଏସିରେ ରାଜନୈତିକ ଗୋଷ୍ଠୀକନ୍ଦଳ ବିକାଶରେ ବାଧକ ସାଜିଥିବା ଅଭିଯୋଗ ହେଉଥିବାବେଳେ ଏହି ନିର୍ବାଚନ ଆଶାୟୀଙ୍କ ପାଇଁ ସମ୍ମାନର ପ୍ରଶ୍ନ ପାଲଟିଛି।

## ୨୬ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ, ୨୮।୨

ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ୧୦୯ଟି ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୨୬ଟି ସମସ୍ୟାର ସମାଧାନ କରାଯାଇଥିଲା। ୪ଜଣ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ପାଇଁ ଆବେଦନ କରିଥିବା ବେଳେ ୭ଜଣ ରେଡ୍‌କ୍ରସ୍ ସହାୟତା ପାଇଁ ଆବେଦନ କରିଥିଲେ। ଜିଲାପାଳ ସରୋଜ କୁମାର ସେଠୀ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ସେଠୀ, ଅତିରିକ୍ତ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ତନ୍ମୟ କୁମାର ଦରୱାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ କୁମାର ଦାଶ, ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ, ସଦର ବିଡିଓ ସୁଧୀର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ‘କୃଷି ସହାୟତାର ସୁଯୋଗ ନିଅ’

ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ଋଣ କର୍ମଶାଳା

ଢେଙ୍କାନାଳ ଅଫିସ, ୨୮।୨

ଢେଙ୍କାନାଳ ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ (ଏୟୁସିସିବି) ପକ୍ଷରୁ ଜିଲାସ୍ତରୀୟ ସମବାୟ ବ୍ୟାଙ୍କିଙ୍ଗ୍ ସେବା ଓ ଋଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏୟୁସିସିବିର ସଭାପତି ସନ୍ତୋଷ କୁମାର ପ୍ରଧାନ ଏଥିରେ ସଭାପତିତ୍ୱ କରି କହିଲେ, କୃଷିକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଓଡ଼ିଶା ୩ ଥର କୃଷିକର୍ମଣ ପୁରସ୍କାର ପାଇଛି। ଏୟୁସିସିବି ଅଧୀନରେ ଢେଙ୍କାନାଳ ଓ ଅନୁଗୋଳ ଜିଲାର ୧୨୩ ପ୍ରାଥମିକ କୃଷି ସମବାୟ ସମିତି ରହିଛି। ଏସବୁରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ସଭ୍ୟ ରହିଛନ୍ତି। ରାଜ୍ୟ ସରକାର ଖରିଫ-୨୦୨୨ଠାରୁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ଉପରେ ୦% ସୁଧହାର ରଖିଛନ୍ତି। ସେହିପରି ୧ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଓ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଫସଲ ଋଣ ହାର ଉପରେ ସୁଧହାର ୨ ପ୍ରତିଶତ ରହିଛି। ଏୟୁସିସିବିର ୧୮୩ ସମବାୟ ସମିତି ମାଧ୍ୟମରେ ୬,୮୭୨ ଏସ୍‌ଏଚ୍‌ଜିଙ୍କୁ ୭୨୮୫.୨୩ ଲକ୍ଷ ଟଙ୍କା ଏବଂ ୧୭ଟି ଶାଖା ମାଧ୍ୟମରେ ୨,୩୧୦ ଏସ୍‌ଏଚ୍‌ଜିଙ୍କୁ ୩୧୧୬.୯୫ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଚାଷୀଙ୍କୁ ସ୍ୱଳ୍ପ ସୁଧରେ ବିଭିନ୍ନ କୃଷି ଉପକରଣ, ସହାୟକ ସାମଗ୍ରୀ ପ୍ରଦାନ କରାଯାଉଛି। କ୍ଷୁଦ୍ର ଜଳସେଚନ, ଉଦ୍ୟାନ କୃଷି, ଗୋପାଳନ, ଫାର୍ମ ମେକାନିଜମ୍, ମତ୍ସ୍ୟ ଚାଷ, ଗୋପାଳନ, କୁକୁଡ଼ା ଚାଷ, ଛୋଟ ପାର୍କ, କ୍ଷୁଦ୍ର ଶୀତଳ ଭଣ୍ଡାର ପାଇଁ ମଧ୍ୟ ଋଣ ଦିଆଯାଉଛି। ଏହାର ସୁଯୋଗ ନେବାକୁ ସେ ଆହ୍ୱାନ ଦେଇଛନ୍ତି।

କାର୍ଯ୍ୟକ୍ରମରେ ବ୍ୟାଙ୍କ ସିଓଓ ମହେନ୍ଦ୍ରନାଥ ସାମଲ, ଡେପୁଟି ରେଜିଷ୍ଟ୍ରାର ସଂଗ୍ରାମ କେଶରୀ ଦାସ, ଡିଆରସିଏସ୍ ସରୋଜିନୀ ଜେନା, ନାବାର୍ଡ ଡିଜିଏମ୍ ପ୍ରଶାନ୍ତ ଦାସ, ଏଲ୍‌ଡିଏମ୍ ନିର୍ମଳ ପଣ୍ଡା, ବ୍ୟାଙ୍କ ଉପସଭାପତି କବିତା ସାହୁ, ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ତୋଷ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଗୀତାଶ୍ରୀ ପାଢ଼ୀ, ମିଶନ ଶକ୍ତି ପ୍ରକଳ୍ପ ସଂଯୋଜିକା ମୋନାଲିସା ଭଞ୍ଜଙ୍କ ସମେତ ବିଭିନ୍ନ ଜିଲାର ବ୍ୟାଙ୍କ ଡାଇରେକ୍ଟର ଉପସ୍ଥିତ ଥିଲେ। ଅବନୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଏୟୁସିସିବିର ଅଧିକାରୀଙ୍କ ସମେତ ଅନ୍ୟମାନେ।

## ଜନ୍ମମାଟିରେ ଅନ୍ତର୍ଯ୍ୟାମୀ ସମ୍ବର୍ଦ୍ଧିତ



ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର ଅଭିଭାଷଣ ଦେଉଛନ୍ତି।

ଢେଙ୍କାନାଳ ଅଫିସ, ୨୮।୨

ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଲାଗି ସମ୍ମାନଜନକ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଛନ୍ତି ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର। ଭୁବନ ବ୍ଲକ ମାର୍ଥାପୁର ଶାସନସ୍ଥିତ ପୈତୃକ ଗ୍ରାମରେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏକ ଶୋଭାଯାତ୍ରାରେ ଗ୍ରାମବାସୀ ତାଙ୍କୁ ଶ୍ରୀବାଲୁଙ୍କେଶ୍ୱର ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସେଠାରେ ବନ୍ଦାପନା ପରେ ତାଙ୍କୁ ସଭାସ୍ଥଳୀକୁ ନିଆଯାଇଥିଲା। ସଭାପତି ପ୍ରେମାନନ୍ଦ ମିଶ୍ର ସଭାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଚନ୍ଦ୍ରଶେଖର ଦାଶ, ସମ୍ମାନିତ ଅତିଥି ବୀରକିଶୋର ମିଶ୍ର, ବିମଳ କୁମାର ମିଶ୍ର, ବିଦ୍ୟାଧର ଦାଶ, ମୁଖ୍ୟବକ୍ତା ଭାବେ ମଧୁସୂଦନ ଦାଶ ଉପସ୍ଥିତ ଥିଲେ। ନିଜ ଅଭିଭାଷଣରେ ପଣ୍ଡିତ ମିଶ୍ର କହିଲେ, ମାର୍ଥାପୁର ଶାସନରେ ଜନ୍ମ ହୋଇ ସେ ଗର୍ବ ଅନୁଭବ କରୁଛନ୍ତି। ସମସ୍ତଙ୍କ ଆଶୀର୍ବାଦରୁ ସେ ପଦ୍ମଶ୍ରୀ ପାଇବା ପାଇଁ ଯୋଗ୍ୟ ହୋଇପାରିଛନ୍ତି। ପିତା ସତ୍ୟବାଦୀ ମିଶ୍ର ଓ ମା’ ଦୁର୍ଗାବତୀ ମିଶ୍ରଙ୍କ ଆଶୀର୍ବାଦରୁ ସେ ଏହି ସ୍ଥାନରେ ପହଞ୍ଚିପାରିଛନ୍ତି ବୋଲି କହିଥିଲେ। ଏହି ଅବସରରେ ସେ ପଦ୍ମଶ୍ରୀ ସମ୍ମାନକୁ ମାଟି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଥିଲେ। ପୂର୍ବତନ ସରପଞ୍ଚ ମଧୁସୂଦନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସନ୍ଥ ଶ୍ରୀକ୍ଷେତ୍ରରେ ଆଧ୍ୟାତ୍ମିକ ପରିବେଶ


ମନ୍ଦିର, ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଜନସମାଗମ।

ଶ୍ରୀଜଗନ୍ନାଥଙ୍କ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ମହୋତ୍ସବ

ଢେଙ୍କାନାଳ ଅଫିସ, ୨୮।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ସନ୍ଥପୁର ଗ୍ରାମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭବ୍ୟ ମନ୍ଦିର ସମେତ ଚତୁର୍ଦ୍ଧା ବିଗ୍ରହଙ୍କ ପ୍ରତିଷ୍ଠା ଉତ୍ସବ ୨୪ ତାରିଖରୁ ଆରମ୍ଭ ହୋଇଛି। ଏହା ମାର୍ଚ୍ଚ ୨ ଯାଏ ଚାଲିବ। ଏହି କାର୍ଯ୍ୟକ୍ରମକୁ ନେଇ ସନ୍ଥ ଶ୍ରୀକ୍ଷେତ୍ର ସନ୍ଥପୁରରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି।

ପ୍ରବଚକ ଭାବେ ଇଂ. ପାର୍ଥସାରଥୀ ମହାନ୍ତି, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖାର ମୁଖ୍ୟ ସଞ୍ଚାଳିକା ବି.କେ. ଉଷା, ଭାଗବତ୍ ଆଶ୍ରମ ଅଧ୍ୟକ୍ଷ ବାବା ବ୍ରଜବନ୍ଧୁ ମହାରଣା, ଶ୍ରୀମନ୍ଦିରର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ଗ୍ରାହୀ କୃଷ୍ଣଚନ୍ଦ୍ର ପୂଜାପଣ୍ଡା ସାମନ୍ତ, ମହାସୁଆର ବଳଭଦ୍ର ମହାପାତ୍ର, ଦଇତାପତି ଲୋକନାଥ ଦାସ ମହାପାତ୍ର, ସ୍ମୃତିସାଗର ମହାରାଜା, ପଣ୍ଡିତ ଦାଶରଥି ସାମନ୍ତରାୟ ପ୍ରମୁଖ ଯୋଗଦେଇ ଜଗନ୍ନାଥଙ୍କ ମହାତ୍ମ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସୁଧାକର ଲେଙ୍କା କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ପଣ୍ଡିତ ବିପିନ ବିହାରୀ ଶତପଥୀ, ଅବନୀ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ଦିବସରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର ସାମଲ, ଜିଲା ପରିଷଦ ସଭାନେତ୍ରୀ ଅର୍ଚ୍ଚନା ପୁହାଣଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଠାକୁରଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ସରପଞ୍ଚ ବନମାଳୀ ଲେଙ୍କା, ଗୌରହରି ସ୍ୱାଇଁ, ପ୍ରଦୀପ ରାଉତ, ଶରତ ରାଉତ, କୁଳମଣି ସାହୁ, ରତ୍ନାକର ଲେଙ୍କା, ସୁବାସ ସ୍ୱାଇଁ, ନିମାଇଁ ସ୍ୱାଇଁ, ଅରୁଣ ନାୟକ, ପ୍ରତାପ ଚନ୍ଦ୍ର ରାଉତ, ଶେଷଦେବ ରାଉତ, ବିଚିତ୍ରାନନ୍ଦ ରାଉତଙ୍କ ସମେତ ଗ୍ରାମବାସୀ ପରିଚାଳନାରେ ସହଯୋଗ କରୁଛନ୍ତି।

## ୧୧ କେଭି ତାର ଲାଗି ଜଳିଗଲେ ଚାଷୀ

ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାରୁ ଅଘଟଣ

ଢେଙ୍କାନାଳ ଅଫିସ, ୨୮।୨

ବିଲରେ ଛିଣ୍ଡି ପଡ଼ିଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଢେଙ୍କାନାଳ ସଦର ଥାନା ବିରାଡ଼ିଆ ଗ୍ରାମର ଚାଷୀ ବଂଶୀଧର ସାମଲଙ୍କ ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତାରୁ ଏଭଳି ଅଘଟଣ ଘଟିଥିବା ଅଭିଯୋଗ କରି ଅଞ୍ଚଳବାସୀ ଢେଙ୍କାନାଳ-କପିଳାସ ରାସ୍ତା ଅବରୋଧ କରିଥିଲେ। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି କରାଯାଇଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

ସୂଚନାଯୋଗ୍ୟ, ବଂଶୀଧର ମଙ୍ଗଳବାର ସକାଳେ ବିଲକୁ ସୋରିଷ କାଟିବାକୁ ଯାଉଥିଲେ। ଏହି ସମୟରେ ବିଲରେ ଛିଣ୍ଡି ପଡ଼ିଥିବା ୧୧ କେଭି ତାର ସଂସ୍ପର୍ଶରେ ଆସିଯିବାରୁ ସେ ଜଳିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉକ୍ତ ବିଦ୍ୟୁତ୍ ତାର ଦୁଇଦିନ ହେଲା ବିଲରେ ଛିଣ୍ଡି ପଡ଼ିଥିଲା। ସୂଚନା ଦିଆଯିବା ସତ୍ତ୍ୱେ ବିଦ୍ୟୁତ ବିଭାଗର କର୍ମଚାରୀମାନେ ପହଞ୍ଚି ନ ଥିଲେ। ଫଳରେ ଅକାଳରେ ଜଣେ ଚାଷୀଙ୍କ ଜୀବନଦୀପ ଲିଭିଗଲା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ସଦର ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ବିଦ୍ୟୁତ୍ ବିଭାଗ ଅଧିକାରୀ ପହଞ୍ଚି ବୁଝାଶୁଝା କରିଥିଲେ। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।


ଚାଷୀ ମୃତ୍ୟୁର ପ୍ରତିବାଦରେ ଅଞ୍ଚଳବାସୀ ରାସ୍ତାରୋକୋ କରିଛନ୍ତି।

## ନାନୋ ବିଜ୍ଞାନ ଗବେଷଣାର ପର୍ଯ୍ୟାପ୍ତ ସୁଯୋଗ ରହିଛି



ଜଣେ କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଓଡ଼ିଶା ବିଜ୍ଞାନ ମଣ୍ଡଳ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ

ଢେଙ୍କାନାଳ ଅଫିସ, ୨୮।୨

ଢେଙ୍କାନାଳ ସିନର୍ଜି ଇଞ୍ଜିନିୟରିଂ କଲେଜରେ ‘ଦି ଓଡ଼ିଶା ବିଜ୍ଞାନ ମଣ୍ଡଳ’ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ ଓ ପୋଷ୍ଟର ପ୍ରଦର୍ଶନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠିତ ବୈଜ୍ଞାନିକ ଡ. ଶୁଭଙ୍କର ବେଦାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ନାନୋ ପଦାର୍ଥର ଚୁମ୍ବକୀୟ ଗୁଣ, ଏହାର ଧର୍ମ ବିଷୟରେ ଆଲୋକପାତ କରିଥିଲେ। ନାନୋ ବିଜ୍ଞାନ ଗବେଷଣାର ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ।

ଜୈବ ପଦାର୍ଥ ବିଜ୍ଞାନୀ ଡ. ସତ୍ୟ ତାପସ ସମ୍ମାନିତ ବକ୍ତା ଭାବେ ଯୋଗଦେଇ ସାର୍ ଭେଙ୍କଟରମଣଙ୍କ ଗବେଷଣା ଏବଂ ସମ୍ପ୍ରତି ଏହାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଦୁର୍ଗାଚରଣ ସାହୁ, କଲେଜ ଅଧ୍ୟକ୍ଷ ଡ. ଇତିଶ୍ରୀ ମହାନ୍ତି, ମଣ୍ଡଳର ଜିଲା ସଭାପତି ଡ. ସ୍ୱାତି ସୁଚରିତା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଭାରତୀୟ ବିଜ୍ଞାନକୁ ଜନ କଲ୍ୟାଣକାରୀ କରିବା ପାଇଁ ଆହ୍ୱାନ ଦେଇଥିଲେ। ଶୁଭମ୍ ବେହେରା, ସୁନିତା ସାହୁ, କାମାକ୍ଷା ପ୍ରସାଦ ସାହୁ, ଶାନ୍ତନୁ ପ୍ରଧାନ, ଦେବପ୍ରିୟ ପରିଡ଼ା, ସୌଭାଗ୍ୟ, ସୋନୁ ପାଣି, ଡ. ପ୍ରଶାନ୍ତ ମୁଖାର୍ଜୀ ସହଯୋଗ କରିଥିଲେ। ପିଲାଙ୍କ ମନରେ ବୈଜ୍ଞାନିକ ମାନସିକତାର ଉନ୍ମେଷ ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ମଣ୍ଡଳର ସହ ସଙ୍ଗଠନ ସମ୍ପାଦକ ଡ. ଗୌରୀଶଙ୍କର ସାହୁ ସୂଚନା ଦେଇଛନ୍ତି। ଏହି ଉପଲକ୍ଷେ ଆୟୋଜିତ ପୋଷ୍ଟର ପ୍ରଦର୍ଶନୀରେ ଦିଲ୍ଲୀ ପବ୍ଲିକ ସ୍କୁଲର ୯ମ ଶ୍ରେଣୀ ଛାତ୍ର ସାର୍ଥକ ସତ୍ୟଜିତ୍‌ଙ୍କ ସମେତ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ନିଜ ନିଜ ବର୍ଗରେ ପ୍ରଥମ ସ୍ଥାନ ହାସଲ କରି ପୁରସ୍କୃତ ହୋଇଥିଲେ।

